# Akashvani, Sambalpur

## SAMBALPURI NEWS EVENING BULLETIN

## 24 December 2024- 7.02 pm- 7.12 pm.

*******************************************

୧- ରାଜ୍ୟ ସରକାର୍ ଉପଭୋକ୍ତାମାନ୍‌କର୍ ସମସ୍ୟାର୍ ସମାଧାନ୍ ଆଉ ନ୍ୟାୟ ଦେବାର୍ ଉପ୍‌ରେ ଜୋର୍ ଦେଉଛନ୍- କହେଲେ ମୁଖ୍ୟମନ୍ତ୍ରୀ ।

୨- ପ୍ରବାସୀ ଭାରତୀୟ ଦିବସ୍‌ଥି ଯୋଗ୍ ଦେବାର୍ ଲାଗି ଆଏବା ମାସ ୧୦ ତାରିଖ୍ ଓଡ଼ିଶା ଆସ୍‌ବେ ରାଷ୍ଟ୍ରପତି ।

୩- ଅଧାନୁ ପାଠ୍ ଛାଡୁଥିବା ଛାତ୍ରଛାତ୍ରୀଙ୍କର୍ ସଂଖ୍ୟା କମାବାର୍ ଲାଗି ନିଆଯାଉଛେ ପଦକ୍ଷେପ୍ - କହେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

ଆଉର୍

୪- ବର୍‌ଗଡ୍ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଲାଗି ଭୁବ୍‌ନେଶ୍ୱର୍ ନ ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

ଉପଭୋକ୍ତା ଦିବସ         I&PR

ରାଜ୍ୟ ସର୍‌କାର୍ ଉପଭୋକ୍ତାଙ୍କର୍ ସମସ୍ୟାର୍ ସମାଧାନ୍ ଆଉ ନ୍ୟାୟ ଦେବାର୍ ଉପ୍‌ରେ ଜୋର୍ ଦେଉଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ରାଜ୍ୟ ଖାଉଟି କଲ୍ୟାଣ୍ ବିଭାଗ୍ ତର୍‌ଫୁ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ହେଇଥିବା ରାଜ୍ୟସ୍ତରୀୟ ଜାତୀୟ ଉପଭୋକ୍ତା ଦିବସ୍ ପାଲନ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଲୋକ୍‌ମାନ୍‌କୁ ଖାଉଟି ଅଧିକାର୍ ବାବ୍‌ଦେ ଅଏତ୍‌କା ସଚେତନ୍ ରହେବାର୍‌କେ ଆହ୍ୱାନ୍ ଦେଇଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍ ଉପଭୋକ୍ତା ସୁରକ୍ଷା ଅଭିଯାନ୍‌କେ ଅଏତ୍‌କା ଫଳପ୍ରଦ କର୍‌ବାର୍ ଲାଗି ସର୍‌କାରୀ, ବେସର୍‌କାରୀ ଅନୁଷ୍ଠାନ୍ ମାନ୍‌କର୍ ସହେତେ ସ୍ୱେଚ୍ଛାସେବୀ ଆର୍ ଗଣମାଧ୍ୟମ୍‌ର ସହଯୋଗ୍‌ର ଦର୍‌କାର୍ ରହିଛେ । ରାଜ୍ୟ ସର୍‌କାର୍ ୍ ଜିଲ୍ଲା ଆଉ ରାଜ୍ୟସ୍ତର୍‌ଥି ଉପଭୋକ୍ତା ବିବାଦ୍ ପ୍ରତିକାର୍ ଲାଗି ଆୟୋଗ୍ ଗଠନ୍ କରିଛନ୍ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ନେତୃତ୍ୱଥି ନୂଆଁ ଉପଭୋକ୍ତା ଆଇନ୍ ୨୦୧୯ ପାରିତ୍ ହେବାର୍ ସହେତେ ଇଟା ସାରା ଦେଶେ କାର୍ଯ୍ୟକାରୀ ହେଉଛେ । ଇଟାର୍ ଅନ୍‌ସାରେ ଉପଭୋକ୍ତା ଇ-ଫାଇଲିଂ ଜରିଏ ନିଜର୍ ଅଭିଯୋଗ୍ ଦାଖଲ୍ କରିପାର୍‌ବେ । ଇଟାର୍‌ସହେତେ ନୂଆଁ ନିୟମ୍‌ଥି ଦୋଷୀମାନ୍‌କୁ

କଠୋରନ୍ନୁ କଠୋର୍ ଦଣ୍ଡ ଦେବାର୍ ବ୍ୟବସ୍ଥା ରହିଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।
(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ପ୍ରବାସୀ ଭାରତୀୟ ଦିବସ            ଆର୍‌ଏନ୍‌ୟୁ/ କଟକ୍

ପ୍ରବାସୀ ଭାରତୀୟ ଦିବସ୍‌ର ଉଦ୍‌ଯାପନୀ ଉତ୍ସବ୍‌ଥି ଯୋଗ୍ ଦେବାର୍ ଲାଗି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବା ମାସ ୧୦ ତାରିଖ୍ ଦିନ ଓଡ଼ିଶା ଆସ୍‌ବେ ବଲି ନଗର୍ ଉନ୍‌ୟନ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚ୍‌ନା ଦେଇଛନ୍ । କାର୍ଯ୍ୟକ୍ରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ଆଉ ସ୍ୱରାଷ୍ଟ୍ରମନ୍ତ୍ରୀ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଥିବାର୍ ବେଲେ ଶହେ ୪୭ ଟା ଦେଶ୍‌ନୁ ୫ ହଜାର୍‌ନୁ ଅଏତ୍‌କା ପ୍ରବାସୀ ଭାରତୀୟ ଯୋଗ୍ ଦେବେ । ପ୍ରବାସୀ ଭାରତୀୟ ଦିବସ୍‌ର ସଫଲ୍ ଆୟୋଜନ୍ ନେଇକରି ଆଏଜ୍ ଭୁବ୍‌ନେଶ୍ୱର୍ ଖାରବେଳ ନଗର୍ ନ ଗୁଟେ ଗୁରୁତ୍ୱପୂର୍ଣ୍ଣ ବୈଠକ୍ ହେଇଯାଇଛେ ।

ଆଇଓସିଏଲ- ମୁଖ୍ୟମନ୍ତ୍ରୀ            I&PR

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍  ନ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍ - ଆଇଓସିଏଲ୍‌ର ଅଧ୍ୟକ୍ଷ ଇ.ଏସ୍. ସାହାନୀ ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଭେଟିଛନ୍ । ରାଏଜେ ଆଇଓସିଏଲ୍ ତରଫୁ ଚାଲିଥିବା ଆର୍ ହେବାର୍‌କେ ଥିବା ଭିନ୍ ଭିନ୍ ପ୍ରକଳ୍ପ ବାବ୍‌ଦେ ମୁଖ୍ୟମନ୍ତ୍ରୀଙ୍କର୍ ସଙ୍ଗେ ଶ୍ରୀ ସାହାନୀ ଆଲୋଚନା କରିଛନ୍ ।

ଆଏବା ଜାନୁଆରୀ ମାସେ ପାରାଦ୍ୱୀପ୍ ଠାନେ ନାଫଥା କ୍ରେକର୍ ପ୍ରୋଜେକ୍ଟ ଥାପ୍‌ନା ଲାଗି ଆଇଓସିଏଲ୍ ଆର୍ ରାଜ୍ୟ ସର୍‌କାର୍‌ଙ୍କର୍ ଭିତ୍‌ରେ ଗୁଟେ ବୁଝାମଣା ପତ୍ର ସ୍ୱାକ୍ଷର୍ କର୍‌ବାର୍‌କେ ବୈଠକ୍‌ଥି ନିଷ୍ପତି ହେଇଛେ । ଭଦ୍ରକ୍ ନ ହେବାର୍‌କେ ଥିବା ୟାର୍ନ ପ୍ରକଳ୍ପ ଲାଗି ଭିଲ୍ ବୈଠକ୍‌ଥି ଆଲୋଚନା ହେଇଥିଲା ।

ବିଶ୍ୱନାଥ କର ପ୍ରତିମୂର୍ତି        ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଆ ଭାଷା, ସାହିତ୍ୟ ଆର୍ ସଂସ୍କୃତି ବିଭାଗ୍ ତରଫୁ ବାଗ୍ମୀ ବିଶ୍ୱନାଥ କରଙ୍କର୍ ଗୁଟେ ପ୍ରତିମୂର୍ତି ବିଧାନ୍‌ସଭା ଗେଟ୍ ନମ୍ବର୍ ୧ ଆର୍ ୨ ଭିତ୍‌ରେ ଥାପ୍‌ନା କରାଯାଇଛେ । ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ - ବିଶ୍ୱନାଥ କରଙ୍କର୍ ପ୍ରତିମୂର୍ତି ଉନ୍ମୋଚନ୍ କରିଛନ୍ । ଇ ଅବ୍‌ସରେ ବାଚସ୍ପତି ସୁରମା ପାଢ଼ୀ, କେନ୍ଦ୍ର

ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ପ୍ରମୁଖ ଯୋଗ୍ ଦେଇଥିଲେ ।

ବୀର୍ ବାଲ୍ ଦିବସ୍ ପି.ଆଇ.ବି.

ମହିଳା ଆଉ ଶିଶୁବିକାଶ୍ ମନ୍ତ୍ରଣାଳୟ ତରଫୁ ଆଏବା ଗୁରୁବାର୍ ଦିନ ବୀର୍ ବାଲ୍ ଦିବସ୍ ଆର୍ ପ୍ରଧାନ୍‌ମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର୍ ସମାରୋହ ଆୟୋଜିତ୍ ହେବା । ୭ ଟା ଭିନ୍ ଭିନ୍ ବର୍ଗଥି ସଫଳତା ପାଇଥିବା ୧୪ ଟା ରାଜ୍ୟ ଆର୍ କେନ୍ଦ୍ରଶାସିତ୍ ଅଂଚଲ୍‌ର ୧୭ ଝନ୍ ଛୁଆଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ମାନିତ୍ କର୍‌ବେ । କାର୍ଯ୍ୟକ୍ରମ୍‌ଥି ୩ ହଜାର୍ ୫ ଶହନୁ ଅଏତ୍‌କା ଛାତ୍ରଛାତ୍ରୀ ଯୋଗ୍ ଦେବେ । କାର୍ଯ୍ୟକ୍ରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ୍ ଦେଇକରି ସୁପୋଷିତ ପଂଚାୟତ୍ ଯୋଜ୍‌ନାର୍ ଶୁଭାରମ୍ଭ କର୍‌ବେ ।

ଏନ୍‌ସିଆର୍‌ବି ବୈଠକ୍ ପି.ଆଇ.ବି.

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ନୂଆଦିଲ୍ଲୀ ଠାନେ ନେସ୍‌ନାଲ୍ କ୍ରାଇମ୍ ରେକର୍ଡ଼ ବ୍ୟୁରୋ ଏନ୍‌ସିଆର୍‌ବି ର ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି

ସର୍ବଭାରତୀୟ ସ୍ତରଥି ସିସିଟିଏନ୍‌ଏସ୍ ଟୁ ପଏଂଟ୍ ଜିରୋ, ଏନ୍‌ଏଏଫ୍‌ଆଇଏସ୍, ଅଦାଲତ୍, ଆଇସିଜେଏସ୍ ଟୁ ପଏଂଟ୍ ଜିରୋ ସଙ୍ଗେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ୍ ଉପ୍‌ରେ ଆଲୋଚନା ହେଇଥିଲା । ସବୁ ରାଜ୍ୟ ଆର୍ କେନ୍ଦ୍ରଶାସିତ୍ ଅଂଚଲ୍ ନ ଆଇସିଜେଏସ୍ ଟୁ ପଏଂଟ୍ ଜିରୋ, ଇ-ସାକ୍ଷ୍ୟ, ନ୍ୟାୟଶ୍ରୁତି, ଇ-ସାଇନ୍ ଆର୍ ଇ-ସମନ୍ ଥି ନୂଆଁ ଅପରାଧ୍ ଆଇନ୍‌କେ ପୁରା କାର୍ଯ୍ୟକାରୀ କର୍‌ବାର୍ ଲାଗି ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହା- ଏନ୍‌ସିଆର୍‌ବିକେ ନିର୍ଦ୍ଦେଶ୍ ଦେଇଛନ୍ ।

ଆର୍.ଏନ୍.ଟି.ର ଶତବାର୍ଷିକୀ ସମାରୋହ

ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଶିକ୍ଷକ୍‌ମାନ୍‌କର୍ ଶିକ୍ଷାର୍ ବିକାଶ୍ ହେବା । ବିଦ୍ୟାଲୟ ନ ଅଧାନୁ ପାଠ୍ ଛାଡୁଥିବା ଛାତ୍ରଛାତ୍ରୀଙ୍କର୍ ସଂଖ୍ୟା କମାବାର୍‌ଟା ସର୍‌କାର୍‌ଙ୍କର୍ ମୁଖ୍ୟ ଉଦ୍ଦେଶ୍ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । କଟକ୍ ରାଧାନାଥ ଉଚ୍ଚତର ଶିକ୍ଷା ଅନୁସନ୍ଧାନ୍ ପ୍ରତିଷ୍ଠାନ୍ ଆର୍.ଏନ୍.ଟି.ର ଶତବାର୍ଷିକୀ ସମାରୋହଥି ମୁଖିଆ କୁନୁଆଁ ଭାବେ ଯୋଗ୍ ଦେଇକରି କେନ୍ଦ୍ରମନ୍ତ୍ରୀ କହିଛନ୍ ଖୋବ୍ ଜଲ୍‌ଦି ଶିକ୍ଷକ୍‌ମାନ୍‌କର୍ ତାଲିମ୍ ଲାଗି ୪ ବର୍ଷିଆ ସମନ୍ୱିତ ଶିକ୍ଷକ୍ ଶିକ୍ଷା କାର୍ଯ୍ୟକ୍ରମ୍ ମୁଲ୍

ହେବା । ଇତାର୍‌ସହେତେ ଇ ଶିକ୍ଷା ଅନୁଷ୍ଠାନର ଜମି ହସ୍ତାନ୍ତର୍ ଉତାରୁ ନାକ୍ ର ମାଏନ୍‌ତା ମିଲ୍‌ବା ବଲି କେନ୍ଦ୍ରମନ୍ତ୍ରୀ କହିଛନ୍ । ରାଏଜେ ବିଇଡ଼ି ପାଠ୍ୟକ୍ରମ୍ ଲାଗି ଅଏତ୍‌କା ଅନୁଷ୍ଠାନ୍ ଖୁଲ୍‌ବାର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ସଙ୍ଗେ ଆଲୋଚନା କରାଯିବା । ୨୦୩୬ ମସିହାତକ୍ ଓଡ଼ିଶାର୍ ସବୁ ଶିକ୍ଷାନୁଷ୍ଠାନ୍ ମାନ୍‌କୁ ସୁବ୍ୟବସ୍ଥିତ୍ ଢଙ୍ଗେ ପରିଚାଳନା କର୍‌ବାର୍ ଲାଗି ସର୍‌କାର୍ ଲକ୍ଷ୍ୟ ରଖିଛନ୍ ବଲି ଶ୍ରୀ ପ୍ରଧାନ୍ କହିଛନ୍ ।

କାର୍ଯ୍ୟକ୍ରମ୍‌ଥି ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍, କଟକ୍ ସାଂସଦ୍ ଭର୍ତ୍ତୃହରି ମହତାବ୍ ସହେତେ ବହୁବିଶିଷ୍ଟ ବ୍ୟକ୍ତି ଯୋଗ୍ ଦେଇଥିଲେ ।

ପାର୍ଟ ପ୍ଲଟ୍- ରାଜସ୍ୱ ମନ୍ତ୍ରୀ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଆଏବା ଜାନୁଆରୀ ମାସୁ ପାର୍ଟ-ପ୍ଲଟ୍ ବିକ୍ରି ହେଇପାର୍‌ବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ଇ ବାବ୍‌ଦେ ସବିଶେଷ୍ ନିଷ୍ପତି ନେବାର୍ ଲାଗି ଡିସେମ୍ବର୍ ୩୧ ତାରିଖ୍ ଦିନ ବିଭାଗ୍ ତର୍‌ଫୁ ଗୁଟେ ବୈଠକ୍ ଡକାଯାଇଛେ । ଦର୍‌କାର୍ ପଡ଼୍‌ଲେ ରେରା ଆଇନ୍‌ଥି ସଂଶୋଧନ୍ କରାଯିବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ବର୍‌ଗଡ୍ ଧନୁଯାତ୍ରା ପ୍ରସ୍ତୁତି ବୈଠକ୍      I&PR

ବିଶ୍ୱପ୍ରସିଦ୍ଧ ବର୍‌ଗଡ୍ ଧନୁଯାତ୍ରା ଆୟୋଜନ୍ ବାବ୍‌ଦେ ଗୁଟେ ସମୀକ୍ଷା ବୈଠକ୍ ଆଏଜ୍ ଭୁବ୍‌ନେଶ୍ୱର୍ ଠାନେ ଥିବା ପର୍ଯ୍ୟଟନ୍ ବିଭାଗ୍‌ର ସମ୍ମିଳନୀ କକ୍ଷ ନ ହେଇଯାଇଛେ । ବୈଠକ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅଧ୍ୟକ୍ଷତା କରିକରି କହିଛନ୍ ବର୍‌ଗଡ୍ ଧନୁଯାତ୍ରା ଆମର୍ ଗର୍ବ ଆର୍ ଗୌରବ୍ । ପୁର୍‌ଥିର୍ ସବୁନୁ ବଡ଼ ମୁକ୍ତାକାଶ ରଙ୍ଗମଂଚ୍ ଭାବେ ସ୍ୱିକୃତୀ ପାଇଥିବା ବର୍‌ଗଡ୍ ଧନୁଯାତ୍ରାର୍ ଆୟୋଜନ୍ ଖାଲି ବର୍‌ଗଡ୍ ଜିଲ୍ଲା ପ୍ରଶାସନ୍‌ର ଦାୟିତ୍ୱ ନୁହେଁ, ଇଟା ସମ୍‌କର୍ ସାମୂହିକ୍ ଦାୟିତ୍ୱ ବଲି ଶ୍ରୀମତୀ ପରିଡ଼ା କହିଛନ୍ । ବୈଠକ୍‌ଥି ଅତିରିକ୍ତ ଶାସନ୍ ସଚିବ ଆର୍ ଉନ୍ନୟନ୍ କମିଶନର୍ ଅନୁ ଗର୍ଗ ଆଭାସୀ ଜରିଏ ଯୋଗ୍ ଦେଇଥିଲେ । ତାର୍ ସହେତେ ସମ୍ବଲ୍‌ପୁର୍‌ର ଜିଲ୍ଲାପାଲ୍, ବର୍‌ଗଡ୍ ଜିଲ୍ଲାପାଲ୍ ଆର୍ ଏସ୍.ପି. , ସଂସ୍କୃତି ବିଭାଗ୍‌ର ଭିନ୍ ଭିନ୍ ଅଧିକାରୀମାନେ ଆଭାସୀ ଜରିଏ ଯୋଗ୍ ଦେଇଥିଲେ । ବର୍‌ଗଡ୍ ଧନୁଯାତ୍ରାକେ ବିଶ୍ୱସ୍ତର୍‌ଥି ପୁହଁଚାବାର୍ ଲାଗି ବୈଠକ୍‌ଥି ଅଏତ୍‌କା ଜୋର୍ ଦିଆଯାଇଥିଲା ।

ପଂଚାୟତିରାଜ୍ ବିଭାଗ୍ ସମୀକ୍ଷା ବୈଠକ୍ I&PR

ରାଜ୍ୟ ପଂଚାୟତିରାଜ୍ ଆର୍ ପାନୀୟ ଜଳ ବିଭାଗ୍ ଦ୍ଵାରା କାର୍ଯ୍ୟକାରୀ ହେଉଥିବା ଭିନ୍ ଭିନ୍ ଜନକଲ୍ୟାଣ୍‌କାରୀ ଯୋଜ୍‌ନା ମାନ୍‌କର୍ ସମୀକ୍ଷା ବାବ୍‌ଦେ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ଆଏଜ୍ ବଲାଙ୍ଗିର୍ ଜିଲ୍ଲା ପରିଷଦ୍ ସମ୍ମିଳନୀ କକ୍ଷ ଠାନେ ହେଇଯାଇଛେ । ବୈଠକ୍‌ଥି ପଂଚାୟତିରାଜ୍ ଆର୍ ପାନୀୟ ଜଳ ବିଭାଗ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ ଯୋଗ୍ ଦେଇକରି କହିଛନ୍ ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନାଥି ନୂଆଁ ହିତାଧିକାରୀ ବାଛ୍‌ବାର୍ ଲାଗି ହେବାର୍‌କେ ଥିବା ସର୍ଭେଥି ଯୋଗ୍ୟ ହିତାଧିକାରୀମାନ୍‌କୁ ତାଲିକାଭୁକ୍ତ କରାଯିବା । ଗାଁ ଇଲାକା ନ ସଫା ପିଇବାର୍ ପାଏନ୍ ଯୁଗାବାର୍‌କେ ସୁନିଶ୍ଚିତ୍ କର୍‌ବାର୍ ଲାଗି ନିର୍ମାଣାଧୀନ୍ ପ୍ରକଳ୍ପମାନ୍‌କୁ ଧାରିଜ୍ ସମିଆ ଭିତ୍‌ରେ ସାର୍‌ବାର୍ ଲାଗି ତୁର୍‌ତି ପଦକ୍ଷେପ୍ ନେବାର୍‌କେ ଅଧିକାରୀମାନ୍‌କୁ ମନ୍ତ୍ରୀ ଶ୍ରୀ ନାଏକ୍ ପରାମର୍ଶ ଦେଇଥିଲେ ।

ଯକ୍ଷ୍ମା- କଲାହାଣ୍ଡି କଲାହାଣ୍ଡି ସମ୍ବାଦଦାତା

ଶହେ ଦିନ୍‌ତକ୍ ହେବାର୍‌କେ ଥିବା ସଘନ ଯକ୍ଷ୍ମା ନିରାକରଣ୍ କାର୍ଯ୍ୟକ୍ରମ୍ ଗଲା ୭ ତାରିଖିନୁ ମୁଲ୍ ହେଇଛେ । କଲାହାଣ୍ଡି ଜିଲ୍ଲା ସ୍ଵାସ୍ଥ୍ୟ ବିଭାଗ୍ ତର୍‌ଫୁ ମୁଲ୍ କରାଯାଇଥିବା ଯକ୍ଷ୍ମା ନିରାକରଣ୍

ଅଭିଯାନ୍‌ଥି ୩ ପ୍ରକାର୍ ପଦ୍ଧତି ଜରିଏ ରୋଗୀଙ୍କୁ ଚିହ୍ନଟ୍ କରାଯାଉଛେ । ଇ ଅଭିଯାନ୍‌ଥି ସବୁ ସ୍ୱାସ୍ଥ୍ୟ କର୍ମୀ, ଆଶାକର୍ମୀ ମାନେ ଘର୍ ଘର୍ ଯାଇକରି ଲୋକ୍‌ମାନ୍‌କର୍ ନ ରୋଗର୍ ଲକ୍ଷଣ୍ ତଦାରଖ୍ କରୁଛନ୍ । ଇ ବାବ୍‌ଦେ ଆକାଶ୍‌ବାଣୀକେ ସୂଚ୍‌ନା ଦେଇକରି ଜିଲ୍ଲା ଯକ୍ଷ୍ମା ଅଭିଯାନ୍ ଅଧିକାରୀ ଡାକ୍ତର୍ ନିହରେନ୍ଦ୍ର ପଣ୍ଡା କହିଛନ୍

(ଭଏସ୍ ଓଭର୍- ଡାକ୍ତର୍ ନିହରେନ୍ଦ୍ର ପଣ୍ଡା)

ଜାତୀୟ ଖାଉଟି ଦିବସ        ସମ୍ବଲ୍‌ପୁର୍/ ଦେବ୍‌ଗଡ଼୍/

ସମ୍ବଲ୍‌ପୁର୍ ଡକ୍ଟର୍ ପର୍ଶୁରାମ୍ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନ୍ ଠାନେ ଜାତୀୟ ଖାଉଟି ଦିବସ୍ ପାଲିତ୍ ହେଇଯାଇଛେ । ବୈଧ ମାପ ବିଜ୍ଞାନଯୁଗ୍ମ ନିର୍ଦ୍ଦେଶକ୍ କାର୍ଯ୍ୟାଳୟ ଆଉ ସଂଚେତନା ଅନୁଷ୍ଠାନ୍ ତର୍‌ଫୁ ହେଇଥିବା ଗୁଟେ କାର୍ଯ୍ୟକ୍ରମ୍‌ଥି ଖାଉଟିମାନ୍‌କର୍ ଅଧିକାର୍ ବାବ୍‌ଦେ ସଚେତନ୍ କରାଯିବାର୍ ସହେତେ ଡିଜିଟାଲ୍ ଠକେଇନୁ ଖାଉଟିମାନେ କେନ୍ତା ରକ୍ଷା ପାଇପାର୍‌ବେ ସେ ବାବ୍‌ଦେ ଜନଜାଗରଣ୍ ସୃଷ୍ଟି କର୍‌ବାର୍‌କେ ଆଲୋଚନା କରାଯାଇଥିଲା ।

ଦେବ୍‌ଗଡ଼୍ ଠାନେ ଡେପୁଟୀ କଂଟ୍ରୋଲର୍ ଲିଗାଲ୍ ମେଟ୍ରୋଲୋଜୀ ରଞ୍ଜନା କୁମାର୍ ପଟେଲ୍‌ଙ୍କର୍ ଅଧକ୍ଷତାଥି

ହେଇଥିବା ଖାଉଟି ଦିବସ୍ କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ଯୋଗ୍ ଦେଇଥିଲେ । ଲୁକେ କେନ୍‌ସି ଜିନିଷ୍ ଘିନ୍‌ଲା ବେଲେ ସଠିକ୍ ଜିନିଷ୍ ନାଇଁଦେଲେ ଖାଉଟି ଅଦାଲତ୍‌ର ଆଶ୍ରୟ ନେବାର୍‌କେ ଲୋକ୍‌ମାନ୍‌କୁ ଜିଲ୍ଲାପାଲ୍ ପରାମର୍ଶ ଦେଇଥିଲେ ।

ସେନ୍ତା ବୌଦ୍ଧ ଠାନେ ହେଇଥିବା ଜାତୀୟ ଖାଉଟି ଦିବସ୍ କାର୍ଯ୍ୟକ୍ରମ୍‌ଥି ଖାଉଟି ମାନ୍‌କର୍ ଅଧିକାର୍ ଆଉ ଖର୍ଚ୍ଚବ୍ୟୟ ବାବ୍‌ଦେ ଆଲୋଚନା କରାଯାଇଥିଲା । ଇଥି ଜିଲ୍ଲା ପରିଷଦ୍ ଅଧ୍ୟକ୍ଷା ପ୍ରଭାସିନୀ ଦାସ, ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ପ୍ରଧାନ୍ ଯୋଗ୍ ଦେଇଥିଲେ ।